# କୁନୁ କୁନି

ଅନନ୍ତ ପଟ୍ଟନାୟକ



କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

# କୁନୁକୁନି

ଲେଖକ

ଅନନ୍ତ ପଟ୍ଟନାୟକ

GIFTED BY
RAJA RAMMOHUN ROY
LIBRARY FOUNDATION
110, JODHPUR PARK
CALCUTTA-700068



ପ୍ରକାଶକ
ଶ୍ରୀ ଅନନ୍ତ ମିଶ୍ର

ବାଣୀ ଷ୍ଟୁଡେଣ୍ଟସ୍ ଷ୍ଟୋର

ବାଲୁବଜାର ( ଛକ ), କଟକ— ୨

୧ମ ସଂସ୍କରଣ
୧୯୬୭

ମୂଲ୍ୟ— ଏକଟଙ୍କା ପଚିଶ ପଇସା

ମୁଦ୍ରାକର—ପ୍ରସାଦପ୍ରେସ୍,
କଟକ—୨


# ସୂଚୀ

| | | |
|---|---|---|
| ଲୁଲୁକଢେ ଲୁଲୁ | ... | ୧ |
| ଗୁଲ ଛନଛନ | ... | |
| ଖସନାହିଁ ଚସନାହିଁ | ... | ୮ |
| କୁନି ଲଛାଟି | ... | ୧୧ |
| ଟରେଟକ୍କା ଟରେଟକ୍କା | ... | ୧୫ |
| ଟୁପୁରୁଟୁପୁ | ... | ୧୯ |
| ମାଆଲୋମାଆ | ... | ୨୧ |
| ଚଢ଼େଇରେ ନେଳ ଚଢ଼େଇ | ... | ୨୪ |
| ଧାନକୁଣ୍ ଧାନକୁଣ | ... | ୩୦ |

# ଲଲୁ ବର୍ଷାରେ ଲୁଲୁ




ଲଲୁ କହେ 'ଲଲ' 'ଲଲ'
ଲୁଲୁ କହେ 'ଲୁ' !
ସନ୍ ସନାସନ୍ ବହିଲା ବାଆ
କଣ୍ଠରେ ଯୁଅ ଯୁ !
ନାହିଁ ରେ, ନାହିଁ, ସୂର୍ଯ୍ୟ ନାହିଁ !
ବିଜୁଳି ମାରେ, ସାଇଁ ସାଇଁ !



ଝମ୍ ଝମାଝମ୍ ବର୍ଷା ଝରେ
ଘର୍‌କୁ ଦେବା ଛୁ !
ଲଲୁ କହେ 'ଝପଟି ଯିବା' !
ଲୁଲୁ କହେ 'ହୁଁ' !

ଖପ୍‌ଖପାଖପ୍ ବେଙ୍ଗ ନାଚେ
ଚେଙ୍ଗ କରେ ଆଁ,

ଘୁମ୍ ଘୁମାଘୁମ୍ ଘୁମୁର୍ ବାଜେ
ଝିଁଜ ଡାକେ ଝିଁ,
ନାଇଁ ରେ ନାଇଁ,
ଜହ୍ନ ନାଇଁ !
ଚମକେ ଛାତି, ଚୁଇଁ ଚୁଇଁ !



ଘଂଜ ଡାଗ- ସଳଡା, ଚୁହା !
ବାଦଲ୍ କଳା ପୁଂଃ !
ଚଦ୍ ଚଦାଚଦ୍, ରୁସ୍ତା ପାଣି
ଶଙ୍ଖ ବାଜେ ଭୁଁ ।



ଟପ୍ ଟପାଟପ୍ ପଢର ଝଡ଼େ,
ବାଉଁଶ ବଣ କେଁ !
ଚକ୍ଚକାଚକ୍ ଚକୁଳି ଡାକେ
କରେଇ କୋଳେ ଚେଁ !
ନାଇଁ ରେ, ନାଇଁ,
ସଙ୍ଗୀ ନାଇଁ !
ଗର୍ଜେ ଗୁଡ଼, ଖାଇଁ ଖାଇଁ !

ଅରଖ ଫୁଲ ପାଖୁଡ଼ା ଘରେ
କିଏ ସେ କାଶେ ଖୁଁ !
ଲଲୁ କହେ— “ଲଳ, ଲଳ !
ଘର୍କୁ ଦେବା ଲୁ !”
ଝମ୍, ଝମାଝମ୍ ବର୍ଷା ଝରେ
କଣରେ ଶୁଅ ଶୁ !



# ଛୁଇଁ ଛନଛନ

—"ଛାଇ ଛନଛନ, କଅଁଳ ଖରା,
ଗୋଟିକ ପଛରେ ଗୋଟିଏ ପରା !
ଯାଏ ବୁଲିଯାଏ ନ ଦିଏ ଧରା !"—

ଗାଇ ଗାଇ ଏହ୍ୱା,
ମଜାରେ ଝୁଲି,
ଚୁକୁଲୁ ଚୁକୁଲୁ ଓଠକୁ ଚୁଷି,
ଥାକୁଲୁ ଥୁକୁଲୁ ଅଇଲା "ଖୁସି !"
କେ ଜାଣି ସେ କେଉଁ
ସଇଜେ ବୁଲି !




ଏଣିକି ତେଣିକି ଟିକିଏ ଚାହିଁ,
ଟଗର ଗଛର ମୂଳରେ ଯାଇ,
ବଜାଇ ଦେଲା ସେ ସୁସିରଟିଏ
ଡାକିଲା "କେଉଁଠି ରହିଲୁ କିଏ ରେ,
ମୋ ସାଥୀ ପିଏ ?"




ମୁହଁ ଗୁଟି ଗୁଟି,
ମେଲାଇ ପାଟି,
ପୁଷି ଥିଲା କାହିଁ ଆଇଲା ଧାଇଁ;
ଅଳସେଇ ଥରେ ମାଇଲା ହାଇ,
"ମ୍ୟାଉଁ—ମ୍ୟାଉଁ !"


ଛେଉକ ସେ, ତାର କାହାକୁ ଡର ?
ହାତକେ ଛେନା ତା', ହାତକେ ସର,
ପାଚପାଚକା ତା,
ନାଚନାଚକା, କହିଲା—"ଖାଉଁ !"




ଚଉକ ଟେବୁଲ ଆଇନା ଟପି
କାହିଁ ଶୋଇଥିଲା ଧାଇଁଲା ପପି ।
ମାଉଁସ ପୁଳାଏ ମୁହଁରେ ଧରି,
କୁଉଁ କୁଉଁ ହୋଇ, କଥା ନ ଗପି
କହିଲା, "କ୍ୟାଉଁ !"



ଖାଡ଼ତଳେ ଥିଲା ସତେ କି ଲୁଷି—
ଅଇଲା ମୂଷି ।
ଲହୁଣୀ ଟୋପିକ, ବାଦାମ୍ ଟିଏ
ନଖମୁନେ ଧରି ଡାକିଲା ହିଏ,
—"ଚୁକୁରୁ ଚୁକ୍" !




କାକର ଟିକିଏ ପରରେ ଆଣି
କଙ୍କିଘଣୀ,
ଡେଇଁଲା, ଉଡ଼ଲା;
ଫୁଲୁରୁ ଫୁଲ୍ !



ବେକରେ ଗୁଡ଼ାଇ ମୀନରୁ ମାଳେ,
ତାକ୍ ଧିନ୍ ଧିନ୍ ନାଚ କି ତାଳେ,
ଅଇଲା ନେଉଳ
କହିଲା, ଚଇଁ ।
ଟିଇଁଟିଁଆ କାହୁଁ ଆକାଶୁଁ ଖସି
ଖଟେଇ ହେଲା କି ଟିଇଁଇ ଟିଇଁ !

ସଜନା ଗଛର ମଠକା ଡାଳେ,
ରେଙ୍କୁଟୁ ଥିଲା ଯେ ବେଲରୁ ପାଳେ,
ଡେଇଁଲା ମନୁଟି
କହିଲା, ଖିଇଁ ।




କି ଘଉ ଘଉ !
କାଳକାନ ନାନ ଅଇଲା କାଉ;
ନାଲି ଟହୁ ଟହୁ କମଳାଠାଏ
ଅଣ୍ଟରେ ତାର ନଚ୍ଚୁଉ ଥାଏ !

ଡଅଗ ଡଗ,
ନଳୀଗୋଡ଼ିଆ ସେ,
ଧୋବଲ ବଗ ।

ମଉନ ମୁହାଁ ସେ,
କଅଁଳ-କୁହା
ନ ଥିଲା ମନ ତା, ଓଁଠାର ହୋଇ,
ହସଟିକ ତାର କେଉଁଠି ଥୋଇ,
ଅଇଲା ଚଳି ସେ
ରଅଗ ରଗ ।

ହଳଦଆ, କଳା, ଶାଗୁଆ, ନେଳି,
ଛିଟି-ଛିଟିକିଆ ପଣତ ମେଳି
ପରଜାପତି କି ତା ବାଟ ହୁଡ଼ି;
ଫୁଲରୁ ପରାଗ ଝାଡ଼ି ଝାଡ଼ିକା,
ଝଲମଲ ରୂପ ବାଡ଼ି ବାଡ଼ିକା,
ଅଇଲା ଉଡ଼ାଇ ରଙ୍ଗ ଗୁଡ଼ି ।





ଛୋଟା ଗହଳରୁ 'କୋଇଲି' ଅପା
ମନେଇଥାଏ
କାହାର ଉପରେ ନୁହେଁ ସେ ଖପା;
ମନକୁ ଶୁଣ ସେ,
ମନକୁ ଗାଏ,
କୁହୁକୁହୁ ଗୀତ ପଢ଼ୁଥାଏ ।

ରୂପରେ ଗୁଣରେ ଅତୁଲ ତୁଲ,
ଯିଏ ଯାହା ଧନ ଅମୂଲ ମୂଲ,
ସବୁର ପାଇଁ କି କରିଲେ ଠୁଳ
ସୁସିର ବଜାଇ ନାଚିଲା "ଖୁସି"।



ଧିର୍ ଧିର୍ ହୋଇ ପଛକୁ ପଛ,
ନ ମାନି ପଥର, ନ ମାନି ଗଛ,
ପପିର ସାଥିରେ ନାଚିଲା ମନୁ;
ପୁଷିର ସାଥିରେ
ନାଚିଲା ମୂଷି !

—————

# ମେଳାଙ୍କ ଖେଳାଙ୍କ

ଖରା ନାଇଁ,
ଚରା ନାଇଁ,
ନୁହେଁ ପାଗ ଝଡ଼ୁଆ ।
ଚୋଠା ଛଳେ,
ଛାଇ ଚଳେ
ଘାସେ ଭରା ପଡ଼ୁଆ !




ଆଆ ଭାଇ,
ଆଆ ଧାଇଁ !
ଖେଳବା ରେ ଢ'ଢ' ଘେରା,
ଡୁ ଡୁ ଖେଳ, ବଢ଼ିଆ !

ହେଇ, ଅନା !
ମେଘ ନେଲା ମେଲଣି;
ପାହ୍ନ କଷା ହେଲଣି ।



ଧାଡ଼ି କରି ଛିଡ଼ା ହେବା,
ପାହ୍ନ ଦୁଇ ପଟରେ,
କରବାନ ମଠ ରେ;
ହାଇ ମାରି ଅଳସୁଆ
ଗଡ଼ୁ ଥାଉ ଖଟରେ;
ମୁହଁ ଲଦ୍ଧ ଗୁହଁ ଥାଉ,
ଥାକୁଲା କି ଧଡ଼ୁଆ !

କିଏ ଯିବ ? ମନେ ରଖି,
ଧରୁ ନେଏ ଗୁହା ରେ !
କଳ, ବଳ, କଉଶଳ,
ଖେଳବେଳେ ଯାହାରେ !
ଢୁଲୁକାଇ ଭୁଇଁ ଟି
ଯାଅ, ପାହୁ ଛୁଇ ଟି
ଚଢ଼େଇର ଡେଣା ପରି
ନଚ୍ଚାଇ ଚୋ' ବାହା ରେ !
ଯାଅ ଛୁଟି ଲଢ଼ି ଆ !
ଘିରି, ଘିରି, ଯାଉଁ ରେଇ
'ଆର ପଟ ଖେଳାଳି',



ଥିବ ଥିବ ବାଆଁ ରେଇ
ଛକି ଛକି ଓଗାଳି
ଖେଳ ଦେଇ ଭୁଲାଇ
କଣୁ କଣେ ବୁଲାଇ
'ଆରପଟ ଖେଳାଳିର'
ବଳ ଦଏ ହୁଗାଳି
ବାଗ ଦେଖି ଜଣେ ଅଧେ
ମାରି ବେଗେ ଡଡ଼ିଆ ।

ବହୁକାଲ ଆସେ ଯଦ
କିଏ ପଛୁ କାହିଁ ରେ !
ଡରି ଥରି ବୋକା ପରି
ରହ ନାହିଁ ଗୁହିଁରେ !
ବାଘ ପରି କୁଦା ମାରି
ବୁଲି ପଡ଼ି ଦେଏ ଘାରି
ଜଗିଦେଏ ବାଟ ତାର
କିଲକିଲି ଧାଇଁ ରେ
ପାହୁ-ଗାରେ ଚଢ଼ିଆ !



ପାହ୍ୱରେ ତୋ' ଆସି ଯଢ

କିଏ କାଢ଼େ ବଢ଼େଇ,

ମୁହାମୁହିଁ ଖେଳରେ ତା'

ବଳ ଦେଏ ଝଡ଼େଇ !

ସାହସ ତା ହଟିଲେ,


ସ୍ପୃହା ତାର କଟିଲେ,

ଓର ଦେଖି ଧରି ପକା

ତଳେ ଦେଏ ଗଡ଼େଇ—

ନ ଭାଜିବ ଯେପରି ତା'

ହାତ ଗୋଡ଼ ଫଡ଼ଆ ।



ଡୁଡୁ ଖେଳ ବଢ଼ିଆ !

କେତେ ତହିଁ ଲଢ଼ାଲଢ଼ି,

କେତେ ତହିଁ ଗଡ଼ାଗଡ଼ି;

ଦେହେ ଆଣେ ତାକତ

ଟାଣ କରେ ହାଡ଼ ଆରେ

ପେଶୀ କରେ ଶକତ

ସଫା ରଖେ ରକତ !

ମାନେ ନା ତା'

ଛୋଟ ସାନ,

ଯେତେ ବଡ଼ବଡ଼ିଆ ।

ଜାଣେ ନା ତା'

ଉପାରୁଆ,

ଜାଥୁଲ୍ଲି କି ମଢ଼ିଆ,

ଡୁଡୁ ଖେଳ, ବଢିଆ !

---


# କୁନି ଲତାଟି



"କୁନ୍ନା ଲତାଟି ମୋ, କୁନଲତାଟି !
ତୁନ ତୁନ ମୋତେ କହ କଥାଟି,
"କାହିଁ ଥିଲୁ ତୁହ କାହୁଁ ଅଇଲୁ
କୁଆଁ ମେଲ ମେଲ ମୋତେ ଚହିଁଲୁ?
କିଏ ତୋର ମା'? କାହିଁ ଗାଆଁ ଲୋ,
କେଉଁଠି କାହାଠୁ କ୍ଷୀର ଖାଇଲୁ, ?




"ସୁନା ଭାଇଟି ମୋ, ସୁନା ସାଥୀଟି !
କାହିଁ ଜନ୍ତଗଲି କେତେ ରାତିଟି
ଭୂଇଁ ମାଆ କୋଳେ ଶୋଇଶୋଇକା !
ମାଟି-ପଣତେ ତା' ଛାତିଭିତରେ
ଜାକିଜୁକି ମୋତେ ଖରାଶୀତରେ,
ରଖିଥିଲା କ୍ଷୀର ଖୋଇଖୋଇକା ।"



'କୁନ ଲତାଟି ମୋ, କୁନ ଲତାଟି,
କହ, ମୋତେ, କହ ଟେକି ମଥାଟି !
କିଏ କି ତୋ' ନିଦ ଦେଲା ଛୁଟାଇ
ଡାକିହାକି ତୋତେ ବଡ଼ ସକାଳୁ
ଘଷି ଆଉଁସି କି ଦେଲା ଉଠାଇ ?"


"ସୁନା ଭାଇଟି ମୋ, କୁନା ଭାଇଟି,
କାହୁଁ ଆକାଶରୁ ଦୂରୁଁ ଚାହିଁଟି,
ଅଇଲା ସୂରୁଜ ଉଇଁ ଉଇଁ କା ।
ଝଲମଲ କରି ଗଛ ଛତରଣ,
ଝରାଇଲା ତାର ସୁନା କିରଣ;
ଉଠାଇଲା ମୋତେ ଛୁଇଁ ଛୁଇଁ କା ।

ମାଆ-କାନଟିକୁ ସତେ ଲେଟାଇ,
ଧୂଳି ଶେଯଟି ତା', ଧୀରେ ଗୋଟାଇ
ଅଇଲା ତ, ବାଆ ଝିରିଝିରିକା,
ଟୋପି ଟୋପି କେତେ ସଜ ଶିଶିରେ
ଧୋଇଧାଇ ପୋଛି, କେଡ଼େ ଖୁସିରେ,
ହଲାଇଲା ମୋତେ ଥିରିଥିରିକା ।



ଫୁଟି ଉମ ପରି ବୀଜ ଖୋଳରୁ
ମୁହଁ କାଢ଼ିଲି ମୁଁ ମାଆ କୋଳରୁ
ହସି ବାହାରକୁ ଦେଲି ଚାହିଁ ରେ ।
କାହୁଁ ଉଡ଼ିଆସି ମୋର କତିଟି
ଫୁଲଚୁଇଁ ଆଉ ପ୍ରଜାପତିଟି,
ଗୀତଟିଏ ବସି ଦେଲେ ଗାଇ ରେ !"

"କୁନି ଲତାଟି ମୋ, କୁନି ଲତାଟି,
କେଡ଼େ ମଜା ଲାଗେ ତୋର କଥାଟି ।
ମୋଓ ପରି ତୁ କି ବୁଲି ପାଉନା ?
ନାଚକୁଦ କେବେ ଜାହୁଁ ଧାଉଁନା ?"



"ସୁନା ଭାଇଟି ମୋ, କୁନା ଭାଇଟି,
ଆଖି, କାନ, ପାଟି ମୋର ନାହିଁଟି,
ଛୁଇଁ ଦେଲେ ମୋତେ ସବୁ ବୁଝେଁ ରେ ।
ରହିଥାଏ ମୁହିଁ ଏକ ଥାନ ରେ,
ମୂଳଟି ତ ମୋର ମାଆ-ପ୍ରାଣ ରେ,
ଦୁଖ ପାଇଲେ ମୁଁ ଆଖି ମୁଦେ ରେ ।"

"କୁନ ଲତାଟି ଲୋ, କୁନ ଲତାଟି,
ଧରି ପତରର ଏଡ଼େ ଛତାଟି,
ନିଃଶ୍ୱାସ କେବେ ନେଉ ନାହିଁକି ?
ଜୀଇଁଚୁ ତୁ କେଉଁ ଚିଜ ଖାଇକି ?"

"ଆରେ, ପତ୍ରରେ ମୋର, କେତେ କଣା ରେ
ସହଜରେ ସେ କି ହୁଏ ଗଣା ରେ ।
ସେଇ କଣା ବାଟେ ନିଏ ପବନ ।
ମାଆ ମାଟିତଳୁ ପାଣି ପଠାଏ,
ଚେରଜିଭେ କେତେ, ରସ ଚଟାଏ,
ଖାଇପିଇ ତାହା ଧରେ ଜୀବନ ।





ସୂରୁଯ କିରଣ ପଡ଼ି ଦେହରେ,
ତେଜ ଭରିଦିଏ କେଡ଼େ ସ୍ନେହରେ;
ଯାଏ ଉଷୁମେଇ, ମନ ତୋଷେଇ ।
ପାଣିପବନୁ ମୁଁ ମିଠା ପାଏ ରେ
ତାକୁ 'ସବୁଜ' ମୋ, ନେଇଯାଏ ରେ ,
ପତ୍ରରେ ରଖି କରେ ରୋଷେଇ ।

ଯେବେ ଘନ ଘନ ମେଘ ବରଷେ
ଭୁଇଁ-ମାଆ ଛାତି ଫୁଲେ ହରଷେ,
ଖର ତାତ-ଯେତେ ଖରେ ହଟାଏ ।
ବଢ଼ିଉଠି ମୁଁ ଯେ କେଡ଼େ ଛଇ ରେ,
କେତେ ଛୁଆ ହୋଇ କେତେ ନଇଁ ରେ
ସେଇ ମାଆକୋଳେ ସୁଖେ ଲଟାଏ ।"



"କୁନ ଲତାଟି ମୋ, କୁନ ଲତାଟି,
କପଟ ନ ରଖି କହ କଥାଟି !
ଖେଳମେଳ କାହିଁ ଜାଣୁ ନାହିଁ ତ
କିବା ଉପକାର ତୁହ ଆଇତ ?
ଇଚ୍ଛାରେ ଗପୁ ମନ ବଢ଼େଇ,
ରହ ! ଉପାଡ଼ ମୁଁ ଦେବ ଛଡ଼େଇ ।



"ଅହା, ଆହା ! ମୋତେ ଛୁଆ ନାହିଁ ରେ,
ସୁନା ଭାଇ ରେ !
ଜୀବନଟି ମୋର ପର ପାଇଁ ରେ,
ମୋଓଠାଇଁ ଟିକେ ରଖ ସରାଗ ।
ଦେଖିବୁ, ମୁଁ ଯେବେ ବଡ଼ ହେବ ରେ,
ତୋତେ ମୋ ହସର ଫୁଲ ଦେବ ରେ;
ବୋଲ ହେଉଥିବୁ ତାର ପରାଗ ।

# ଠେରେ ଠକ୍କା ଠେରେ ଠକ୍କା

—"ଠେରେ ଠକ୍କା, ଠେରେ ଠକ୍କା !"—
ଡାକ ବାବୁ ଖଟି ଖଟି
ବସି ଟିକେ ମାରେ ଥକ୍କା
—"ଠେରେ ଠକ୍କା, ଠେରେ ଠକ୍କା !"—



ଠାର ଏଇ ଲମ୍ବେଇ,
ଡାକ ଦେଲା ବମ୍ବେଇ !
ଡାକବାବୁ ହାତଠାରୁ
ଖସିପଡ଼େ ପୋଡ଼ା ମକ୍କା !
—ଠେରେ ଠକ୍କା, ଠେରେ ଠକ୍କା ।

—ଠେରେ ଠକ୍କା, ଠେରେ ଠକ୍କା !
ଧଡ଼୍ପଡ଼େ ଉଠି ସଢ଼
ଏଣେ ତେଣେ ଥରେ ଚାହାଁ,
ନେକ୍‌ଟାଇ ଭିଡ଼ି ଭିଡ଼ି
କାଶି ଦେଇ, ଖଡ଼ମିଡ଼ି !
ଉତ୍ତର ଦିଏ ପାଇଁ,




କଳଟାକୁ ଚିପି ଚିପି,
ଆଙ୍ଗୁଠି ଟିପି ଟିପି,
ଠାରଠାର କହେ କଥା
"ହଁଅ ! ହଁଅ ! ଶୁଣେ ଏଠି !
— ଶୁଣିଲଣି କଲିକତା !"

"କାହାଠାରୁ ତାର ଏଇ ?
କାହାପାଖେ ଦେବୁ ନେଇ ?"
"ହାତଟା ଯେ ଥକାଗଲା"—
ଢେଇଁ ଢେଇଁ ଫକ୍‌ଫକ୍‌କା
ଟରେ ଟକ୍‌କା, ଟରେ ଟକ୍‌କା !



ଟରେ ଟକ୍‌କା, ଟରେ ଟକ୍‌କା
ଠାର ପୁଣି ଲମ୍ବେଇ
ଜଣାଇଲା ବମ୍ବେଇ—
"ଗଣ୍ଡାର ତାର କରେ
ଦେଖ, ଭାଇ କଙ୍ଗାରୁ !
ବାଛିବୁଛି ଘାସ କଛି
ପଠା ଭାଡ଼ସଙ୍ଗାରୁ ।

ଦେହ ମୋର ଭଲ ନାଇଁ
ଢନସ୍ଥ ପାଣିଖାଇ
ଦେହକମ୍ପଲେ ଲାଗେ ରକ୍‌କା !"
ଟରେ ଟକ୍‌କା, ଟରେ ଟକ୍‌କା—



ଟରେ ଟକ୍କା, ଟରେ ଟକ୍କା—
ଡାକବାବୁ ଚର ଚର,
ଆଖି କର ମିଟି ମିଟି,
ଟିପୁ ଟିପୁ ବାର୍ତ୍ତା ସେ
ଲଞ୍ଜଟା ପିଟି ପିଟି,
ଡାକଦେଲା ଦିଲ୍ଲୀ—
"ବାଘଛୁଆ ପଠା ଖରେ
ମାଗିଅଛି ମସ୍କୋ ଚ,
ମାଗିଅଛି ଚିଲ୍ଲୀ ।"

ଟରେ ଟକ୍କା, ଟରେ ଟକ୍କା—
କିଏ ରହି କଟକରେ
ଜଣାଇଲା ଛଟକରେ—
"କାକାତୁଆ ଲୋଡ଼େ ସାଥୀ
ଆସ ବାରେ, ଗାଅ ବାରେ 'ଝିଲ୍ଲି' ।"


ହାୟ, ହେଲା ଏ କି କାଳ !
ଏକାବେଳେ ଏତେ ତାର,
ଦମ ଦମ ଛାତି, ପୁଣି
ଗମ ଗମ ବହେ ଝାଳ;
ଡାକବାବୁ ଲଗି ଡିଏଁ —
ଠକ୍ ଠକା, ଠକ୍ ଠକା !

ଟରେ ଟକ୍କା, ଟରେ ଟକ୍କା—
--ତାର ପରେ ତାର ଆସେ,
ତାର ପରେ ତାର ଯାଏ,
ଦୂର କଥା ପାଖେ ଭାସେ,
ପାଖ କଥା ଦୂରେ ଧାଏଁ — !

ସତର

ଡାକବାବୁ 'ହନୁମାନ୍'
ଖଟିଖଟି ଢନମାନ୍
'ଲଞ୍ଜଠା ପିଟି ପିଟି'
ଖାଲି ହୁଏ ଖିଟି ଖିଟି—
କାହିଁ ଟିକେ ତର ପାଏ ?
'ଟରେ ଟକ୍କା,' 'ଟରେ ଟକ୍କା'
'ତାର କଳ' ବାଜୁଥାଏ !

ଟରେ ଟକ୍କା ଟରେ ଟକ୍କା—
"କାହିଁ ସେଇ ପାଜି ଆଜି,
କାହିଁ ସେଇ 'ଏଡ଼ିସନ୍' ?"
ଡାକବାବୁ ମୁଣ୍ଡଟା
ଘୂରିଯାଏ ବନ୍‌ବନ୍ !
ପାଆନ୍ତା କି ଦେଖା ତାର,
ଦଅନ୍ତା ସେ ତାକୁ ଧକ୍କା !
ଖାଆନ୍ତା ସେ ବୁଲି ବୁଲି
ଯେତେ ବେଲ, ଯେତେ ମକ୍କା ।
—ଟରେ ଟକ୍କା, ଟରେ ଟକ୍କା



# ଟୁପୁରୁ ଟୁପୁ



ଟୁପୁରୁ ଟୁପୁ   ବରଷେ ମେଘ
ଅଗଣାଯାକ ପାଣି,
ଆଆ ରେ ଆଆ ! ପାଣିଫୋଟକା
ହାତରେ ନେବା ଛାଣି !
ଆହା ରେ ସେ ତ   ନ ଛୁଉଁ ଛୁଉଁ
ମିଳାଇ ଯାଏ କାହିଁ ?
ତାକୁଇ ସିନା   ପାରଲେ ଧର
ଅସଲ ମଜା, ଭାଇ !



ଟୁପୁରୁ ଟୁପୁ   ପତର ଝଡ଼େ
ଥୁରୁଥୁରିଆ ବାଆ !
ଛକଛକ୍କା   ପତରଚକ୍କ
ଉଡ଼ାଇଦେବା, ଆଆ !
ଗୋଟିକ ପରେ   ଗୋଟିଏ ଯିବ,
ରହବା କି ରେ ଗୃହିଁ ?
ପବନ ସୁଏ   ଭାସିଭାସିକା
ଧରବା ନକି ଧାଇଁ ?

ଉଣେଇଶ


ଖୁପୁରୁ ଖୁପୁ ବେଙ୍ଗ ଡିଏଁ
ଝିରଅପୋକ ଉଡ଼େ,
ଭିଜିଭିଜିକା କଙ୍କି ଟିଏ
ହୁଡ଼େ କି ବାଟ, ହୁଡ଼େ !
ପିଢ଼ାରେ ଅନା ! କଖାରୁଫୁଲ,
ସୁନାର ଦୀପ ଅବା !
ଗହଳଆତଳେ ଟଇଁ ଟଇଁ କା
ଚଢ଼େଇକୁଳ ସଭା !





ସୁରୁସୁରୁଆ ପତର ନାଆ
ନାଇଁରେ ତାର ଛାତ,
ଝିଣ୍ଟିକାଟି, ଗୋଡ଼ରେ ତାର
ମାରୁଛି ବସି କାତ !
ଆଆ ରେ ଆଆ ! କାଗଜେ ଗଢ଼ି
ଜାହାଜ ଦେବା ଛାଡ଼ି,
ଆଣିବା ଯଇ ମାଣିକମୋତି
ଦରିଆ-ପୁର ଝାଡ଼ି !

ଝିପୁରୁ ଝିପୁ ଡାକୁଛି ମେଘ,
ବାହାରେ କେତେ ସାଥୀ !
ଆଆ ରେ ଆଆ ! ସବୁରି ମେଳେ
ଖେଳିବା ଆଜି ମାତି !
ଥାଉ ରେ ଥାଉ, କାଞ୍ଜିପଠା
କବଡ଼ି ଖେଳ, ଥାଉ !
କ୍ୟାରମ୍-ଗୋଟି ଯାଉରେ ଗଡ଼ି,
କଣକୁ କାହିଁ, ଯାଉ !




---

ଢୋଢ଼ଏ

# ମାଆ ଲୋ ମାଆ

ମାଆ ଲୋ ମାଆ !
  ଗୁଡ଼ିଟି ପରି ଉଡ଼ିବି ମୁହିଁ କେବେ ?
ମାଆ ଲୋ ମାଆ !
  ଭୂଇଁରେ ଥାଇ
  ମୋତେ କି ଗୃହିଁ
ଲଟେଇ ସୂତା ଧରିଥିବୁ ତୁ ତେବେ ?



ମାଆ ଲୋ ମାଆ !
  ଚଢ଼େଇ ପରି ଉଡ଼ଉଡ଼କା,
  ଆଲୁଅ ସୁଏ ବଡ଼ବୁଡ଼କା,
  ଛୁଟିବି ପବ ବେଗେ,
ଆକାଶେ କାଇଁ, ଧାଇଁ ଧାଇଁ କା,
ବତାସେ ଘୂରି ଘାଇଁ ଘାଇଁ କା,
  ମାରିଲେ ଖସ ଗୃଇଁ ଗୃଇଁ କା
  ପଶିବି ଯାଇ ମେଘେ !




ମାଆ ଲୋ ମାଆ !
କେଉଁଠି ଥିବି, ପାରିବୁ ତୁ କି ବାରି ?
ନ ଥିବ ପବ ହାତରେ ସୂତା
  ଡାକବୁ ନକ ଠାରି ?

ମାଆ ଲୋ ମାଆ !
ଚଢ଼େଇ ନୁହେଁ,
ନାହିଁ ତ ମୋର ଡେଣା !
ମୁହିଁ କି ହେବ ଗୁଡ଼ୁ ?

ମାଆ ଲୋ ମାଆ !
ଲଗାଇ ଦେଦେହ କଳପୋଷାକ
ପାରିବ ନକି ଉଡ଼ୁ ?


ଅନା ଲୋ ଅନା !
ସତକୁ ସତ, ବିମାନଟାଏ !
ଅଇଲା କାହୁଁ,
ହେଲଣି ଘୁଉଁ ଘୁଉଁ !



ସେଥିରେ ଚଢ଼ି ଡାକେ ମୁଁ ଯଦି
"ଛୁଇଁ ଲୋ ମୋତେ, ଛୁଉଁ !"
ନାକଟି ତୋର କରିବୁ କି ଲୋ ସୁଉଁ !

ମାଆ ଲୋ ମାଆ !
ମଜାରେ ତହିଁ ଝୁଲିଝୁଲିକା;
ଗଇଜ କେତେ ବୁଲିବୁଲିକା,
ଫେରିବ ଯେବେ ଫୁଲିଫୁଲିକା
ମୁହଁରେ ତୋର ଶଙ୍ଖଟିଏ
ବାଜିବ ନକି ଭୁଉଁ !


ମାଆ ଲୋ ମାଆ !
କହୁଥିଲୁ ତୁ—
ଆଣିବୁ କାହୁଁ ଶୂନ୍ୟଯାନ ଗଢ଼ି !
ସେଥିରେ ଯେବେ ଉଠି ଉଠିକା
ହାବେଲ ପରି ଛୁଟି ଛୁଟିକା
ସୂର୍ଯ୍ୟ ହସ ଲୁଟି ଲୁଟିକା
ତାପର କେତେ ପାହାଚ ପରେ
ଚଳିବ ଦୂରେ ଚଢ଼ି—



ମାଆ ଲୋ ! ସତେ ଡରସିପିବ ପ୍ରାଣ ?
ଭରସି କର ତେଣରବୁ ନକ୍ସ କାନ ?
ଶୁଣିବା ଆଗୁ ଶବଦ ମୋର,
ମନରେ ଭର ଚମକ ତୋର,
ଶୁଣିବୁ ଯଦ୍ଧ ଚୁପ୍ପିଚୁପ୍ପିକା,
ଆସି ମୁଁ, ଗପି ଝୁପ୍ପେଝୁପ୍ପିକା,
କୋଳରେ କେତେ ପିବ ଲୋ ସୁଖେ ଗଢ଼;
ମାଆ ଲୋ ମାଆ !
ଛାତିରେ ଜାକି ମତେ
ଗେଲ କି ଟିକେ କରିବୁ ନାହିଁ ସତେ ?




ମାଆ ଲୋ ମାଆ !
ଇଏ କି କଥା !
ଆଖିରେ ତୋର ଲୁହ !
କାହିଁକି ତୁ ଯେ ଶୁଖାଇଦେଲୁ ମୁହଁ ?
ମୁହିଁ କି ନୁହେଁ ଆକାଶଚାରୀ,
ତୋହର ଦେଶ-ଉଜଳକାରୀ ?
ତୋହର ବୀର ପୁଅ ?



— ——

# ଚଢ଼େଇ ରେ ନେଳି ଚଢ଼େଇ




ଚଢ଼େଇ ରେ, ନେଳି ଚଢ଼େଇ !
ଆଜି, କେଉଁ ସ୍ୱଇଜରୁ ଅଇଲୁ ?
ତୋର ନାଲି ଗୁଲୁ ଗୁଲୁ ମୁହଁରେ
କାହୁଁ କଇଁ ଚକାକୁଡ଼ ତୋଳି କି,
ତହୁଁ କାକର ଫୋପାଏ ବୋଳି କି,
କେତେ ବୁଲୁ ବୁଲୁ ଗୀତ ଗାଇଲୁ,
କେଉଁ କୁଳୁ କୁଳୁ କଥା ପାଇଲୁ ?



ଅନାବନା ଫୁଲ୍-କିଆରୀ
କେଡ଼େ ସରଗରେ ଥିଲ ତିଆର ।
ତହିଁ ମହକ ତ କର ଭରଣା
ମୁଁ ଯେ ଖୋଲିଦେଲି ମହୁଝରଣା !
ତୋତେ ଡାକିଲି ରେ ନେଳି ଚଢ଼େଇ !
ଆରେ ଏଡ଼ିକରେ ତୋର ବଢ଼େଇ,
ମୋତେ ଆଡ଼ଆଖିରେ ନ ଚାହିଁଲୁଁ !
ତୋର ଝିଲି ମିଲି ପର ଝଡ଼େଇ,
କାହିଁ ଖିଲି ଖିଲି ହସି ଧାଇଁଲୁ !

ଚଢ଼େଇ ରେ, ନେଳି ଚଢ଼େଇ !
ତୋର ଦେହକୁ ଆକାଶେ ଗଢ଼େଇ
ତୁ ଯେ କାହୁଁ ଯାଇ କାହିଁ ବୁଲିଲୁ ?
କେଉଁ ସୁରର ଇସାରା ପାଇ କି,
କେଉଁ ସୁଖ ପାଇଁ ହୋଇ ବାଇ କି,
କହ, କେଉଁ ସରଗର ମୋହରେ
ମୋର ମାଟି ଉଆସରେ ଭୁଲିଲୁ ।

ମୋର ନଈରେ ପଡ଼ିଲା ଉଆଁର,
କାହିଁ ଉଡ଼ିଲା ନଡ଼ିଆ-ଚଅଁର,
କେତେ ଗୁଣୁ ଗୁଣୁ ଗାଇ ଭଅଁର
ତୋତେ ଠାରିଲେ, 'ଆଲୁଏ ପହିଁର !'




କେଉଁ କଳା-ଘୁମୁରିଆ ମେଘରେ
ତୁ ଯେ ଝୁଲୁଣି-ଝୁଲାରେ ଝୁଲିଲୁ ।
କାହିଁ ନ ଦେଖି, ନ ଶୁଣି କିଛି ତୁ,
ତୋର ମିଛ ବଡ଼ପଣେ ଫୁଲିଲୁ ।

କେଡ଼େ ଉପରୁ ଉପରେ ଉଡ଼ି ତୁ,
ଟିକେ ପବନ ନ ପାଇ, ଭୟରେ—
ପୁଣି ଆଇଲୁ ଖସି, ତୁ ଭୁଇଁକୁ
କେଉଁ ମୁଲକରେ ରଖି ଲମ୍ଫ ରେ !


ତୋର କୁଡ଼ିଆ ନ ହେଲା ସାହା କି ?
ଯେବେ ପାହାଡ଼ରେ ଥିଲୁ ପହୁଡ଼,
କାହୁଁ ଅଇଲା ବରଷା ବାଆ କି,
ତୋତେ ନିମିଷରେ ଦେଲା ଘଉଡ଼ ?

ତୁ ଯେ ଘଡ଼ଘଡ଼ି ରବେ ଚମକୁ,
କାହିଁ ରହିଲ ବାଟରେ ଥମକୁ,




ଆରେ, ତାରାଟିଏ ଯେବେ ଉଇଁଲା,
ତୋର ଛାତିରେ ସାହସ ଛୁଇଁଲା;
ତୋର ଭିଜା ଭିଜା ଡେଣା ଜାକି ତୁ,
ଗଲୁ ଗଛ କୋରଡ଼କୁ ଦଉଡ଼ !
କେତେ ଡାଳକୁ ବଜାଇ ଡାଳରେ
ଯେବେ ଖେଳିଲୁ ରେ ବାଆ ନଉଡ଼ !

ଚଢ଼େଇ ରେ, ନେଳ ଚଢ଼େଇ !
କେବେ ବରଫ ଦେଶେ କି ମୋହିଁଲୁ ?
କେତେ କୁଣ୍ଠାକାଠି କାହୁଁ ସାଉଁଟି
ତହିଁ ବନଗୃତ ନଆଁ ପୋଇଁଲ ?



ତୋତେ ପୋଡ଼ା ମାଉଁସର ବାସନା
ସତେ ଲାଗିଲା କି ବଡ଼ ନାସନା ?
କେତେ ଥରୁ ଥରୁ ହେଲୁ ଶୀତରେ
ରହି ଚମଡ଼ା-ପୋଷାକ ଭିତରେ ?

ଯେବେ ବରଫର ଝଡ଼ ଉଠିଲା,
ତୋର ଟେକ ମଥାଟିକୁ ନୋଇଁଲୁ,
କାହିଁ ଜାହାଜ କୁ ଭେଟି କେଉଁଠି
ତାର କୂଳ ପରେ ଯାଇ ଶୋଇଲୁ ?



ଚଢ଼େଇ ରେ, ନେଳି ଚଢ଼େଇ !
ସତେ ଦୂର ମରୁଭୁଇଁ ପଥରେ
ତୋର ଦେହ କି ଖରରେ ତାତିଲା ?
ଥରେ କଅଁଳିଆ ଘାସ-ପତରେ
କେହି ଶାଗୁଆ ଶେଯ ନ ପାତିଲା ?

କେଉଁ ଖଜୁରୀ ଗଛର ଛାଇ କି,
ତୋର ଦେହ ଆଉଁସିଲା ନାହିଁ କି ?
ଖାଲି ଝାଉଁଳିଲୁ ପୁଣି ଝାଇଁରେ
କେତେ ମରୀଚିକା ପଛେ ଧାଇଁରେ ?

କେତେ ଧୂଉ ଧୂଉ ବାଲି ଗହଳେ
କାହିଁ ମରୁ-ଟାପୁଟିଏ ନ ଥିଲା ?
ତହୁଁ, ଛାଟିପିଟି ହୋଇ ଛୁଟିଲୁ
ଆଉ ଖେଳରେ ମନ ନ ମାତିଲା ?

ତେଣୁ ଲୁଣି ସମୁଦର ଗାଧୋଇ
ଭୁ କି ଢେଉରେ ଢେଉରେ ନାଚିଲୁ ;
କେତେ ଉତ୍ତମ ମଗରର ଉଆସେ
ତୋର ନେଳି ନେଳି ପର ଯାଚିଲୁ !

ଶତେଇଶ



କାହିଁ ନିରମଳ ନଈ ପାଣି କି,
କେହି ପାଖେ ନ ଆଇଲେ ଆଣି କି ?
କେହି ବାଢ଼ିଲେ ନ ଖିର, ଖିରସା,
କେତେ ମାଛଭଜା, ପୁଳି, ଆରିସା ?

ତୋର ଶୋଷରେ ତାଳୁ କି ଶୁଖିଲା ?
ତୁହି କ୍ଷୀରରୁ ଖାର ନ ବାଛିଲୁ;
ଯେତେ ଖଟା, ମିଠା, କଷା, ଲୁଣିଆ,
ସବୁ ଗିଳିଗାଳି ରାଗେ ପାଚିଲୁ ?

ଚଢ଼େଇ ରେ, ନେଳି ଚଢ଼େଇ !
'ଖାଲି ଶବଦର ଗତି ବାରି କି
କେତେ ସ୍ୱଇଜ ତ ବୁଲି ଆଇଲୁ
କାହିଁ ରସୁଆଳି ସଜ ଫଳ କି
କେଉଁ ବଗିଚ୍ଚରେ ଭଲା ପାଇଲୁ ?



ମୋର ଆମ୍ବ, ଡାଳିମ ଲଖି ରେ
ଆନ ଫଳ କି ପାରିଲୁ ଚାଖି ରେ ?
କେତେ ଫୁଲରେଣୁ ଦେହେ ମାଖି ରେ
କେବେ ଥସ୍ୱଇଲୁ ହସ ଆଖିରେ ?

କେତେ କ୍ଷୀରିକୋଳି, ଜାମୁ, ଭଇଁଚ,
ଭଲା ମାଳି କରି ଗଳେ ନାହିଁଲୁ ?
ଥରେ ନେବାକୁ ମୋତେ ତୋ ସାଥିରେ
ଆରେ, କେବେ ହେଲେ ନାହିଁ ଚାହିଁଲୁ

ଅଇଲୁଣି ଯେବେ ବାହୁଡ଼
ଆ, ଆଆ ! ତୁ ଟିକିଏ ରହ ତ !
ଆରେ, ଚୁପି ଚୁପି ମୋର କାନରେ
ତୋର ଦେଶବୁଲା କଥା କହ ତ !




ବୁଢ଼ା ଗହମ ଧାନର କ୍ଷେତରେ,
ଝଡ଼ କଇଁ କେତକୀର ନେତରେ,
ଦୋଳ ଲୁଳୁ ଲୁଳୁ ନଈ-ଗୀତରେ,
ମୋତେ ଡାକି ଡାକି 'ନାଚ ମିତ ରେ' !
ଯେତେ ଦେଖିଥିବୁ ନୂଆ ଖେଳ ଲୁ
ତାର କଳକଉଶଳ ବତାଇ,
ଦେଏ ଦେହମନ ମୋର ମତାଇ,
ଆରେ, ଜଡୁ ଆମ ଖେଳ-ମହତ !

ଜାଣିଥା ରେ ନେଲି ବଢ଼େଇ !
ଆଉ ଯାଉ ଯଦ କାହିଁ ବୁଲି ତୁ,

ମୁଁ ଟପ ରହିଥିବ ତୋର ସାଥିରେ
ଯେତେ ଉଆଁସ ପୂନେଇଁ ରାତରେ —
କେତେ ହସୁଥିବ ହେ ହେ ତ ।

# ଧାନ ବୁଣ୍ ଧାନ ବୁଣ୍



ଧାନ ବୁଣ୍, ଧାନ ବୁଣ୍,
ଟିକି ଭାଇ, ଧାନ ବୁଣ୍ !
ଝିଇଁ ଝିଇଁ ଝିଙ୍କାରୀ,
ଶୁଣ୍, ତାର ଡାକ ଶୁଣ୍ !




ଆକାଶର କଣେ କଣେ
ହେଇ, ମେଘ ନାହୁଲାଏ !
ହେଇ, ଛୋଟା ବାଲବଣେ
ବାଆ ଧୀରେ ଆହୁଲାଏ !

ହେଇ ବଣୀ ଠାରେ ଡେଇଁ—
'କୃଷୀପୁଅ ଉଠ ଚେଇଁ !'
ଖସ୍ତେଜ ନାହିଁ ଆଉ—
କିଏ ଗଛ ଝାଉଁଳାଏ !

ନୂଆ ନୂଆ ଫୁଲେ, ଅନା !
ମହୁମାଛି ଗୁଣ୍ ଗୁଣ୍ !
ମାଟିତଳୁ ଘାସ କେତେ
ଉଠିବାକୁ ଲୁନ୍ ଲୁନ୍ !
ଧାନ ବୁଣ୍, ଧାନ ବୁଣ୍ !





'ଗୃଷ ନୁହେଁ ମଠ ମଠ,
ଗୃଷ ଅଛି ଚର୍ ଚର୍ !'
ମୁଠା ହେଉ କଠ କଠ !
ଝାଣ ହାତେ, ହଳ ଧର୍ !
ହୁଡ଼ବାଡ଼ କଛ କରି,
ଦେଏ ଚାଲେ ଖଛ ଭରି;
ହେଉ ପଛେ ଦେହଗୋଟି
ଧୂଳି ମାଟି ସର୍‌ସର୍ !

ଚଷିଥିଲେ ଭୂଇଁ ସିନା
ଧାନ ଫଳେ ଶହେ ଗୁଣ୍ ।
ବେଲମୁଁ ରେ କାମେ ଚୋର,
ରଖନା ଟେର ଛାଳେ ଖୁଣ୍ !
ଧାନ ରୁଣ୍, ଧାନ ରୁଣ୍ !



ଖାଇ ପାଣି, ଖାଇ ଖତ,
ବଢ଼ିବ ରେ ଧୀରେ ବୁଆ;
ଭଲ ହେବ ନେଳ-ଭତ
ଖେଳବେ ରେ କେତେ ଶୁଆ !



ବେଉଷଣ ସାର ସୁଖେ,
ବଢ଼ିବୁ ତୁ ହସ-ମୁଖେ;
ନ ଥିବ ରେ କାହିଁ ଆଉ
ଅନାବନା ଘାସ, ସୁଆଁ !

ଉଡ଼ାଇ ରେ ଫୁଲ, ଧାନ—
ପାଚୁଥିବ ଝଣ୍ ଝଣ୍ !
ହଂସର ଗୀତ କେତେ
ଶୁଭିବ ରେ ରୁଣ୍ ରୁଣ୍ ।
ଧାନ ବୁଣ୍ , ଧାନ ବୁଣ୍ !



ଉଲୁଘାଇ ନଣ୍ଡା, ଜୋର,
ଉଜଳାବେ ଖଲ କଇଁ ;
ଦାଆ-ପଜା ଯାଉ ତୋର
ଲିପିଦେବୁ ଖଳା, ନଇଁ !

ଧାନଗଛ ମୁଠି ମୁଠି,
କାକରରେ କାଟିକୁଟି,
କେଉ କେଉ ହୁଳା କର
ନେବୁ ତୋର ଶରେ ବନ୍ଧ !

ଶୁଖି ଶୁଖି ଧାନ ହେବ,
ଗୋଟି ଗୋଟି ଝୁଣ୍ ଝୁଣ୍;
ଯାଇଛବୁ ଉଡ଼ାଇ ତୁ;
ନ ଖାଇବ ତାକୁ ଘୁଣ୍ !

ଧାନ ବୁଣ୍, ଧାନ ବୁଣ୍,
ଧାନ ଆମ ଜୀବନ ଯେ,
ଧାନ ଆମ ଭାତ ଲୁଣ୍ !
ଧାନ ଆମ ବଳ ଆଉ
ଧାନ ଆମ ରୂପ, ଗୁଣ୍ !
ଟିକି ଭାଇ, ଧାନ ବୁଣ୍ !

———